# ପିଲାଙ୍କ ଧରିତ୍ରୀ

ଶନିବାର, ୧୦ ଡିସେମ୍ବର, ୨୦୨୨



୭ ଜଣା ଅଜଣା

୮ ଆଇନା



# ଖିଲି ଖିଲି ହସ

ପପୁର ଶରୀର ଅସୁସ୍ଥ ହେବାରୁ ସେ ଡାକ୍ତରଙ୍କ ନିକଟକୁ ଗଲା।
ଡାକ୍ତର: ତୁମେ ଆସିବା ଡେରି କରିଦେଲ।
ପପୁ ଆଶ୍ଚର୍ଯ୍ୟ ହୋଇ କହିଲା: ସାର୍ ମୁଁ କେତେ ଦିନ ବଞ୍ଚିବି ?
**ଡାକ୍ତର:** ତୁମର କିଛି ଅସୁବିଧା ହୋଇନି ବ୍ୟସ୍ତ ହୁଅନି।
**ପପୁ:** ତେବେ ମୋର କ'ଣ ଅସୁବିଧା ହୋଇଛି ?
**ଡାକ୍ତର:** ତୁମର ୬ଟାରେ ଆପଏଣ୍ଟମେଣ୍ଟ ଥିଲା ତୁମେ ୭ଟାରେ ଆସିଲ !

ପୁଅ ତା ମା'କୁ କହିଲା: ମା' ମୋର ସବୁ ଖେଳନା ତୁମେ ଆଲମାରୀରେ ଲୁଚାଇଦିଅ। କାରଣ ମୋର ସବୁ ସାଙ୍ଗ ଆମ ଘରକୁ ଆସିବାର ଅଛି।
**ମା':** ମୁଁ କାହିଁକି ସବୁଖେଳନା ଲୁଚାଇ ଦେବି ? ତୋର କ'ଣ ସବୁ ସାଙ୍ଗ ଚୋର କି !
**ପୁଅ:** ନା, ସେ ତାଙ୍କ ଖେଳନା ସବୁ ଚିହ୍ନି ଦେବେ।

ସ୍କୁଲରେ ହିନ୍ଦୀ କ୍ଲାସ ଚାଲିଥିଲା
**ଶିକ୍ଷକ:** ଯଦି ସୋରିଷ ସାଗ (ସର୍‌ସୋ) ଦୁଇଦିନ ପୁରୁଣା ହୋଇଯିବ, ତାକୁ କ'ଣ କହିବା ?
**ଟିଙ୍କୁ:** ସାର୍, ତାକୁ ପର୍‌ସୋ ଶାଗ କୁହାଯିବ।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୂରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# କ୍ଷମା ହିଁ ମହାନ ଗୁଣ

**ଗପ**

ଜଣେ ରାଜା ଥିଲେ। ସେ ଭାରି ନିଷ୍ଠୁର। ସାମାନ୍ୟ ଭୁଲ୍ ପାଇଁ ଲୋକଙ୍କୁ ଅତି କଠୋର ଦଣ୍ଡ ଦେଉଥିଲେ। ଅଧିକାଂଶ ସମୟରେ ସେ ଅତି ନିଷ୍ଠୁରଭାବେ ମୃତ୍ୟୁଦଣ୍ଡର ଘୋଷଣା କରୁଥିଲେ। ଏଥିପାଇଁ ସେ ରଖିଥିଲେ ଦଶଟି କୁକୁର। ଲୋକଙ୍କୁ ଖିନ୍‌ଭିନ୍ କରି ମାରିବା ପାଇଁ ତାଙ୍କୁ ଟ୍ରେନିଂ ଦିଆଯାଇଥିଲା। କାହାରିକୁ ଦଣ୍ଡ ଦେବାକୁ ହେଲେ ରାଜାଙ୍କ ଆଦେଶରେ ତାକୁ ତାଙ୍କରି ପାଖକୁ ପକାଇ ଦିଆଯାଉଥିଲା। କୁକୁରମାନେ ଲୋକଟିକୁ ପୁଳାପୁଳା କରି କାମୁଡ଼ି ମାରୁଥିଲେ ଓ ତା'ର ମାଂସ ଖାଉଥିଲେ। ଫଳରେ ଲୋକଟି ତ ମରୁଥିଲା, ତା' ପୂର୍ବରୁ ଅସହ୍ୟ ଯନ୍ତ୍ରଣା ସହୁଥିଲା।

ରାଜାଙ୍କ ପାଖରେ ଜଣେ ବୁଢ଼ା ମନ୍ତ୍ରୀ ଥିଲେ। ସେ ଥିଲେ ଅତି ଚତୁର ଓ ବୁଦ୍ଧିମାନ୍। ତାଙ୍କ ବାପାଙ୍କ ଅମଳରୁ ସେ ଏ କାମ ତୁଲାଉଥିଲେ। ତେବେ ବୁଢ଼ା ହେଲେ ସମସ୍ତଙ୍କର ତ ଅଳ୍ପ ବହୁତ ଭୁଲ୍ ହୁଏ। ଏଣୁ ଥରେ ନିଜ ଅଜାଣତରେ ସେ ସାମାନ୍ୟ ଭୁଲ୍‌ଟିଏ କରିଦେଲେ। ହେଲେ ନିଷ୍ଠୁର ରାଜାଙ୍କର ତ ମଣିଷପଣିଆ ନ ଥିଲା। ତେଣୁ ସେ ଭୀଷଣ ରାଗିଯାଇ ତାଙ୍କୁ ମୃତ୍ୟୁଦଣ୍ଡ ଆଦେଶ ଦେଲେ। ତେବେ ଦଣ୍ଡଟି ଶୁଣାଇଲା ପରେ ତାଙ୍କ ମନକୁ କ'ଣ ଆସିଲା କେଜାଣି ସେ ତାଙ୍କୁ ତାଙ୍କର ଶେଷଇଚ୍ଛା ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଲେ। ମନ୍ତ୍ରୀ ଟିକିଏ ଭାବି ଏଥିପାଇଁ ଦଶଦିନ ସମୟ ମାଗିଲେ। ରାଜା ସେଥିରେ ରାଜି ହୋଇଗଲେ।

ଦିନ ପରେ ଦିନ ଗଡ଼ିଚାଲିଲା। ଠିକ୍ ଦଶମ ଦିନ ମନ୍ତ୍ରୀ ନିଜେ ଆସି ଦଣ୍ଡ ପାଇବା ପାଇଁ ହାଜର ହୋଇଗଲେ। ତାଙ୍କ ମନରେ ଟିକେ ବି ଦୁଃଖ କି ଭୟ ନ ଥାଏ। ଏହା ଦେଖି ରାଜା ଆଶ୍ଚର୍ଯ୍ୟ ହୋଇଗଲେ। ତଥାପି ସେ ତାଙ୍କୁ କୁକୁରଙ୍କ ଆଗକୁ ଫିଙ୍ଗି ଦେବାକୁ ଆଦେଶ ଦେଲେ। ହେଲେ, ବିଚିତ୍ର ଘଟଣାଟିଏ ଘଟିଲା। କୁକୁରମାନେ ତାଙ୍କୁ ମାରିବେ କ'ଣ ଓଲଟି ତାଙ୍କ ନିକଟକୁ ଧାଇଁ ଆସି ପାଦ ଚାଟିବାକୁ ଲାଗିଲେ।

ଏପରି ଘଟଣା ଆଗରୁ କେବେ ଘଟି ନ ଥିଲା। ତେଣୁ ଏହା ଦେଖି ରାଜା ଭାରି ଆଶ୍ଚର୍ଯ୍ୟ ହେଲେ। ତାଙ୍କୁ ସେଠାରୁ ଉଠେଇ ଆଣି ଏହାର କାରଣ ପଚାରିଲେ। ମନ୍ତ୍ରୀ ହସି ହସି ଜବାବ ଦେଲେ, "ଆପଣ ମୋତେ ଏ ଦଣ୍ଡ ଦେବା ପୂର୍ବରୁ ଯେଉଁ ଦଶଦିନ ସମୟ ଦେଇଥିଲେ ମୁଁ ତାହା କଟାଇଥିଲି ଏହି କୁକୁରମାନଙ୍କର ସେବା କରିବାରେ। ତାଙ୍କୁ ମୁଁ ତାଙ୍କ ମନ ମୁତାବକ ଖାଇବା ପିଇବାକୁ ଦେଉଥିଲି। ତାଙ୍କୁ ଆଉଁଶି ଦେଉଥିଲି ଓ କୋଳରେ ଧରି ଗେଲ କରୁଥିଲି। ତାଙ୍କ ସହିତ ଦିନର ପ୍ରାୟ ସବୁ ସମୟ କଟାଉଥିଲି। ସେଥିପାଇଁ ସେହି ପଶୁଗୁଡ଼ିକଙ୍କର ମଧ୍ୟ ମନ ବଦଳିଯାଇଛି। ସେମାନେ ମୋ' ପ୍ରତି କୃତଜ୍ଞ ପାଲଟି ଯାଇଛନ୍ତି। ତେଣୁ ଆପଣଙ୍କର ଚାହିଁବା ମୁତାବକ ମୋତେ ନ ମାରି ସେମାନେ ମୋ ପ୍ରତି ସ୍ନେହ ପ୍ରକଟ କଲେ।



ରାଜାଙ୍କ ପାଟିରୁ ଆଉ ଭାଷା ବାହାରୁ ନ ଥାଏ। ସେ ଖାଲି ତାଙ୍କ ମୁହଁକୁ ଚାହିଁ ରହିଥା'ନ୍ତି। ଏଣୁ ମନ୍ତ୍ରୀ ପୁଣି କହିଲେ, "ମହାରାଜ! ମୁଁ ଆପଣଙ୍କର ଓ ଆପଣଙ୍କ ବାପାଙ୍କର ୫୦ ବର୍ଷ ଧରି ସେବା କରିଆସିଛି। କେବେ ସେଥିରେ ହେଳା କରିନାହିଁ। ହେଲେ ଆଜି ଏ ବୟସରେ ମୁଁ ଛୋଟ ଭୁଲ୍‌ଟିଏ କରିଦେଇଛି। ଆପଣ ତାକୁ କ୍ଷମା ନ କରି ମୋତେ ମୃତ୍ୟୁଦଣ୍ଡ ଦେଇଛନ୍ତି। କହିଲେ ଦେଖି, ଆପଣଙ୍କ ଭଳି ମଣିଷ ଏବଂ କୁକୁର ଭିତରେ କିଏ ବେଶି ନିଷ୍ଠୁର ? କାହା ମନ ଅଧିକ ଉଚ୍ଚରେ ?"

ଏହା ଶୁଣି ରାଜା ନିଜର ଭୁଲ୍ ବୁଝିପାରିଲେ। ତାଙ୍କ ମନ ବଦଳିଗଲା। ସେ ମନ୍ତ୍ରୀଙ୍କୁ କ୍ଷମା ପ୍ରାର୍ଥନା କଲେ। ସେହିଦିନଠାରୁ ତାଙ୍କ ନିଷ୍ଠୁରପଣିଆ କମିଗଲା। ପ୍ରଜାମାନେ ତାଙ୍କୁ ଡରିବା ବଦଳରେ ଭଲ ପାଇବାକୁ ଲାଗିଲେ।

ତେଣୁ ଏହି ଗପରୁ ଆମେ ଶିଖିଲେ କି ନିଷ୍ଠୁର ଲୋକଙ୍କୁ ଆମେ ଅମଣିଷ ଓ ବିବେକହୀନ ବୋଲି କହୁ। ଏପରି ଲୋକ ଅନେକ ସମୟରେ ନିଜ ଗୁଣ ଯୋଗୁ ଅପମାନିତ ହେବା ସହ ନିନ୍ଦାର ପାତ୍ର ହୋଇଥା'ନ୍ତି। ଅପରପକ୍ଷେ ସଦାଚାର ଓ ବିବେକି ଲୋକଙ୍କୁ ହିଁ ସମସ୍ତେ ଭଲପାଆନ୍ତି।

**–କନକଲତା ପରିଡ଼ା**
ଉଷା ନିବାସ, ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ: ୯୯୩୭୯୮୫୭୬୭

# ଆଇସ୍କ୍ରିମ୍ ଚଖାଳି ଜନ୍

ପିଲାମାନେ ଆଇସ୍କ୍ରିମ୍ ଖାଇବାକୁ ଭାରି ମଜା ଲାଗେନା ! ତେବେ ତୁମେମାନେ ଦିନକୁ କେତୋଟି ଆଇସ୍କ୍ରିମ୍ ଖାଇପାରିବ ? ଜାଣିଛ, ଏପରି ଜଣେ ବ୍ୟକ୍ତି ଅଛନ୍ତି ; ଯିଏ କି ପ୍ରତିଦିନ ଆଇସ୍କ୍ରିମ୍ ଚାଖିବା କାମ କରିଥା'ନ୍ତି। ଏଥିପାଇଁ ତାଙ୍କୁ ଦରମା ମଧ୍ୟ ମିଳିଥାଏ। ସେ ହେଉଛନ୍ତି ଜନ୍ ହ୍ୟାରିସନ୍। ସେ ଦିନକୁ ୬୦ଟି ଆଇସ୍କ୍ରିମ୍ ଖାଇପାରନ୍ତି। ଆମେରିକାର ଏକ ଆଇସ୍କ୍ରିମ୍ କମ୍ପାନୀ ନିଜ ଆଇସ୍କ୍ରିମ୍‌ର ଟେଷ୍ଟ ଭଲ କି ନାହିଁ ଜାଣିବା ପାଇଁ ଜନ୍‌ଙ୍କୁ ନିଯୁକ୍ତି ଦେଇଛି, ଯଦ୍ୱାରା କମ୍ପାନୀ ଗ୍ରାହକମାନଙ୍କୁ ଉପଯୁକ୍ତ ସେବା ଯୋଗାଇପାରିବ। ଜନ୍ ଏହି କାମ ୩୦ବର୍ଷ ହେବ କରୁଛନ୍ତି। ସେ ଏ ପର୍ଯ୍ୟନ୍ତ ୨୦୦ ମିଲିୟନ ଗ୍ୟାଲନ୍ ଆଇସ୍କ୍ରିମ୍‌ର ସ୍ୟାମ୍ପୁଲ୍ ଚାଖି ସାରିଲେଣି। ପ୍ରତିଦିନ ୨୦ଟି ଫ୍ଲେଭରର ୩ଟି ଲେଖାଏଁ ଟେଷ୍ଟ କରିବାକୁ ତାଙ୍କୁ ୪ରୁ ୫ଘଣ୍ଟା ସମୟ ଲାଗିଥାଏ। ଏହାପରେ ତାଙ୍କୁ କେଉଁ ଆଇସ୍କ୍ରିମ୍ ଭଲ ଲାଗିଲା ସେ ଜଣାଇଥା'ନ୍ତି। ପରେ ସେସବୁ ପ୍ୟାକେଜ୍ କରାଯାଇ ଫ୍ୟାକ୍ଟ୍ରିରୁ ଆଇସ୍କ୍ରିମ୍ ପାର୍ଲରକୁ ଯାଇଥାଏ।



## ମତାମତ

▸▸ ଗପ ସ୍ତମ୍ଭରେ ପ୍ରକାଶ ପାଇଥିବା 'ଅମୂଲ ମୂଲ' ଗପଟି ଶିକ୍ଷଣୀୟ ହୋଇଛି।

**–ବନୀତା ସେନାପତି,** ଘଟଗାଁ, କେନ୍ଦୁଝର

▸▸ 'ପାଣି ବୋତଲ'ର ଇତିହାସ ସମ୍ପର୍କରେ ବହୁତ ରୋଚକ କଥା ଜାଣିବାକୁ ପାଇଲି।

**–ପଲ୍ଲବିନୀ ମିଶ୍ର,** ଫୁଲନଖରା, କଟକ

▸▸ 'ଖିଲି ଖିଲି ହସ' ସ୍ତମ୍ଭରେ ହସକଥା ପଢ଼ି ଖୁବ୍ ହସିଲି।

**– ସ୍ୱାତୀ ମହାନ୍ତି,** ଅସୁରାଳି, ଭଦ୍ରକ

▸▸ 'ତୁମ ତୂଳୀ' ସ୍ତମ୍ଭରେ ପ୍ରକାଶ ପାଇଥିବା ସବୁ ଚିତ୍ର ଆକର୍ଷଣୀୟ ହୋଇଛି।

**– ଅଭିଜିତ୍ ଜେନା,** ସୋର, ବାଲେଶ୍ୱର

# ତସନିମ୍ କାହାଣୀମାଳା

**ତୁମ ପଢ଼ିବା ପାଇଁ**

ପିଲାଙ୍କ ପାଇଁ ଶିକ୍ଷଣୀୟ ଏବଂ ସଂସ୍କାରଧର୍ମୀ ଗଳ୍ପ ରଚନା କରି ନୂଆ ବାର୍ତ୍ତା ଦେଇଛନ୍ତି କୁନି ଲେଖିକା ତସନିମ୍ ସୁଲ୍‌ତାନା। ସଦ୍ୟ ପ୍ରକାଶିତ ଗଳ୍ପ ସଂକଳନ 'ତସନିମ୍ କାହାଣୀମାଳା'ରେ ନିଜ ଭଳି ଶିଶୁମାନଙ୍କର ମନର କଥାକୁ ସେ ପ୍ରତିଟି କାହାଣୀ ମାଧ୍ୟମରେ ବର୍ଣ୍ଣନା କରିଛନ୍ତି। ଏହି ପୁସ୍ତକରେ ରହିଛି ଗେହ୍ଲିର ଅନ୍‌ଲାଇନ୍ ପଢ଼ା, ଏକ ନିଆରା ଇଦ୍, ନିରୀହ ଚେହେରା, ମିନା ମଞ୍ଚ, ଇକୋ ଆମ୍ବୁଲାନ୍ସ, ବୁଦ୍ଧିଆ ଗଧ, ସ୍ୱପ୍ନର ସୌଦାଗର, ସେଇ ଝିଅଟି, ପ୍ରାୟଶ୍ଚିତ୍ତ, ଦାୟୀ କିଏ, ଆୟତର ଜନ୍ମଦିନ, କର୍ମଯୋଗୀ କଲାମ୍, ସାହସୀ ଝିଅ ଓ ଶିଶୁ ସଂସଦ ଆଦି ମନଛୁଆଁ ଗପ। ଏହାର ମୂଲ୍ୟ ରହିଛି ୧୪୦ଟଙ୍କା।




ଯୋଗାଯୋଗ– ତସନିମ୍ ସୁଲ୍‌ତାନା, ଅଷ୍ଟମ ଶ୍ରେଣୀ, କାକଟପୁର ବାଳିକା ନୋଡାଲ ଉଚ୍ଚ ବିଦ୍ୟାଳୟ, ପୁରୀ, ମୋ: ୯୫୫୬୫୭୩୬୦୨






# ସୁନ୍ଦର ହସ୍ତାକ୍ଷର...

**ପିଲାଙ୍କ ହସ୍ତାକ୍ଷର ସୁନ୍ଦର ହେବା ପାଇଁ ଅଧିକାଂଶ ଅଭିଭାବକ ଚିନ୍ତାରେ ଥାଆନ୍ତି । ତେବେ କରୋନାରେ ଅନ୍‌ଲାଇନ୍ ପାଠପଢ଼ା ଯୋଗୁ ପିଲାଙ୍କ ଲେଖିବା ଉପରେ ମଧ୍ୟ ପ୍ରଭାବ ପଡ଼ିଛି। କମ୍ପ୍ୟୁଟର ଏବଂ ମୋବାଇଲରେ ଆସାଇନ୍‌ମେଣ୍ଟ ଲେଖିବା ଦ୍ୱାରା କାହାର ଲେଖିବା ଶୈଳୀ ଖରାପ ହୋଇଛି ତ କାହାର ଲେଖିବା ସ୍ପିଡ୍ କମିଯାଇଛି।**

ପଢ଼ିବାଠାରୁ ଲେଖିବା ଦ୍ୱାରା ପାଠ ଶୀଘ୍ର ମନେରହିଥାଏ ବୋଲି କୁହାଯାଏ। ଏଥିପାଇଁ ବିଦ୍ୟାଳୟରେ ଏବଂ ଅଭିଭାବକମାନେ ବହି ଦେଖି ଲେଖିବା ପାଇଁ ପିଲାଙ୍କୁ ପରାମର୍ଶ ଦେଇଥାନ୍ତି। ବହି ଦେଖି ଲେଖିବା ଦ୍ୱାରା ପାଠ ମନେରହିବା ସହ ଅକ୍ଷର ମଧ୍ୟ ସୁନ୍ଦର ହୋଇଥାଏ। ଏଥିପାଇଁ ଅଭିଭାବକ ବିଶେଷ ଦୃଷ୍ଟି ଦିଅନ୍ତି। ଅକ୍ଷର ସୁନ୍ଦର ପାଇଁ ସ୍କୁଲ୍‌ରେ ହସ୍ତାକ୍ଷର ଲେଖିବାକୁ ମଧ୍ୟ ପରାମର୍ଶ ଦିଆଯାଏ। ସେଥିପାଇଁ ପିଲାମାନେ ଓଡିଆ, ଇଂରାଜୀ, ହିନ୍ଦୀ ଇତ୍ୟାଦି ଭାଷାର ହସ୍ତାକ୍ଷର ପ୍ରତିଦିନ ଲେଖି ସ୍କୁଲ୍‌ରେ ଦେଖାଇଥାନ୍ତି। ତେବେ କରୋନା ଯୋଗୁ ଅନ୍‌ଲାଇନ୍ ପାଠପଢ଼ାରେ ପିଲାଙ୍କ ଲେଖିବା ଅଭ୍ୟାସ ବିଗିଡି ଯାଇଛି। କ୍ଲାସ୍ କରିବା ଲାଗି ପିଲାଏ ବହୁତ ସମୟ ଫୋନରେ ବିତାଇଛନ୍ତି। ଏହି କାରଣରୁ ଅନ୍‌ଲାଇନ୍ ଆପ୍‌ରେ ପ୍ରୋଜେକ୍ଟ, ଆସାଇନ୍‌ମେଣ୍ଟ ଇତ୍ୟାଦିକୁ ସବ୍‌ମିଟ୍ କରିବାରେ ମାହିର ହୋଇଯାଇଛନ୍ତି। ତେବେ ସେଥିରେ ସ୍ପିଡ୍ ଟାଇପିଂ କରିବା ବଢ଼ିଛି ହେଲେ ହାତଲେଖାକୁ ପିଲାଏ କେତେକାଂଶରେ ଭୁଲି ଯାଇଛନ୍ତି। ଏନ୍‌ସିଆର୍‌ଟି ଦ୍ୱାରା ୧୦,୦୦୦ ପିଲାଙ୍କୁ ନେଇ କରାଯାଇଥିବା ଏକ ସର୍ଭେରୁ ଜଣାପଡିଛି ଯେ, ଅନ୍‌ଲାଇନ୍ ପାଠପଢ଼ା ଯୋଗୁ ୭୫ଶତକଡା ବିଦ୍ୟାର୍ଥୀଙ୍କର ଅକ୍ଷର ଖରାପ ହୋଇଛି ଏବଂ ୬୫ଶତକଡା ବିଦ୍ୟାର୍ଥୀ ଲେଖିବାର ଶୈଳୀ ଭୁଲି ସାରିଛନ୍ତି। ଏହି ଗବେଷଣାରେ ଆହୁରି ଜଣାପଡ଼ିଛି ଯେ, ପିଲାମାନେ ଅନ୍‌ଲାଇନ୍ କ୍ଲାସ୍‌ରେ ନୋଟ୍ କରିବା ପରିବର୍ତ୍ତେ ଶିକ୍ଷକଙ୍କଠାରୁ ଶୁଣି ଏବଂ ଚିତ୍ର ମାଧ୍ୟମରେ ବୁଝି ପାଠ ମନେରଖୁଥିଲେ। ଅନ୍‌ଲାଇନ୍ କ୍ଲାସ୍‌ରେ ପଢ଼ାଯାଇଥିବା ପାଠକୁ ପିଡିଏଫ୍ ଦ୍ୱାରା ପାଇଯିବାରୁ ପିଲାମାନେ ତାହାକୁ କ୍ଲାସ୍‌ରେ ନିଜେ ନୋଟ୍ସ କରିବାକୁ ଇଚ୍ଛା କଲେନାହିଁ। ବର୍ତ୍ତମାନ ଲେଖା ଅଭ୍ୟାସ ଛାଡ଼ିଯିବା ଦ୍ୱାରା କାଗଜରେ ଲେଖିବା ସେମାନଙ୍କ ପାଇଁ କଷ୍ଟକର ହୋଇଯାଇଛି। ପିଲାଙ୍କ ହସ୍ତାକ୍ଷର ଖରାପ ହେଲେ ପରୀକ୍ଷାରେ ମାର୍କ କଟିଯାଏ, ଏଥିସହ ଶିକ୍ଷକ ପରୀକ୍ଷା ଖାତାକୁ ଭଲ ଭାବେ ପଢ଼ି ପାରନ୍ତି ନାହିଁ। ଅକ୍ଷର ଖରାପ ହେଲେ ଭବିଷ୍ୟତରେ ପିଲାମାନେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ତେବେ ଏଭଳି ସ୍ଥିତିରେ ପିଲାଙ୍କ ଲିଖନ ଅଭ୍ୟାସକୁ ସଜାଡ଼ିବା ପାଇଁ ସେମାନଙ୍କର ହସ୍ତାକ୍ଷର ସୁଧାରିବା ଦିଗରେ ଯତ୍ନବାନ ହେବା ଆବଶ୍ୟକ।



## ପ୍ରତିଦିନ କିଛି ପାରାଗ୍ରାଫ୍ ଲେଖେ



ଛୋଟବେଳେ ଖରାପ ଅକ୍ଷର ପାଇଁ ସବୁବେଳେ ବାପାଙ୍କ ଠାରୁ ଗାଳି ଶୁଣେ। କିନ୍ତୁ ମୋ ଦିଦି ସବୁବେଳେ ବୁଝାନ୍ତି ଯେ ଭଲ ଅକ୍ଷର ଆମ ପାଠପଢ଼ା ପାଇଁ ନିତାନ୍ତ ଆବଶ୍ୟକ। ତେଣୁ ଅକ୍ଷରକୁ ଠିକ୍ କରିବାର ଯଥେଷ୍ଟ ଆବଶ୍ୟକତା ରହିଛି। ସେଥିପାଇଁ ପ୍ରତିଦିନ କିଛି ପାରାଗ୍ରାଫ୍ ଲେଖି ଅଭ୍ୟାସ କରେ। ସମୟ ଦେଖି ଗୋଟିଏ ପୃଷ୍ଠା ସ୍ପିଡ୍ ଲେଖି ସାରିବାକୁ ଚେଷ୍ଟା କରେ। ତେଣୁ ପୂର୍ବାପେକ୍ଷା ଏବେ ମୋ ଅକ୍ଷର ଯଥେଷ୍ଟ ସୁନ୍ଦର ହେବା ସହ ଶୀଘ୍ର ଲେଖିପାରୁଛି।

**-ଇପ୍ସିତା ମହାନ୍ତି, କ୍ଲାସ୍-୧୦,**
**ପଞ୍ଚାୟତ ହାଇସ୍କୁଲ୍, ଛାନମେରି, ଗଞ୍ଜାମ**

## ନିୟମିତ ହସ୍ତାକ୍ଷାର ଲେଖୁଛି



ଲେଖିବା ବେଳେ ମୋର କ୍ୟାପିଟାଲ ଏବଂ ସ୍ମଲ୍ ଲେଟର୍ ବୁଝିବାରେ ଅସୁବିଧା ହେଉଥିଲା। ସେଥିଲାଗି ଲେଖା ମଧ୍ୟ ଅସଜଡ଼ା ହୋଇଯାଉଥିଲା। ତେଣୁ ମୋ ସ୍କୁଲ୍‌ର ଶିକ୍ଷକ ନିୟମିତ ହସ୍ତାକ୍ଷର ଲେଖିବା ଅଭ୍ୟାସ କରିବାକୁ ପରାମର୍ଶ ଦେଲେ। ଏବେ ପ୍ରତିଦିନ ଓଡ଼ିଆ, ଇଂରାଜୀ ହସ୍ତାକ୍ଷର ଖାତା ଲେଖି ସ୍କୁଲ୍‌ରେ ଶିକ୍ଷକଙ୍କୁ ଦେଖାଉଛି। ବିଳମ୍ବ ହେଲେ ବି ପେନ୍‌ସିଲ୍‌ରେ ଗୋଲ୍ ଗୋଲ୍ କରି ଅକ୍ଷର ଲେଖୁଛି। ଏବେ ହ୍ୟାଣ୍ଡରାଇଟିଂରେ ମୋର ସୁଧାର ଆସୁଛି। ପୂର୍ବାପେକ୍ଷା ସୁନ୍ଦର ଅକ୍ଷରରେ ଲେଖିପାରୁଛି।

**-ପ୍ରେମ ନାରାୟଣ ମହାସୁଆର,**
**କ୍ଲାସ୍-୫, ସତ୍ୟଭାମା ଇଂଲିଶ୍ ମିଡିୟମ ସ୍କୁଲ୍, ପୁରୀ**

## ଅଭ୍ୟାସ ଦ୍ୱାରା ଲିଖନଶୈଳୀ ମାର୍ଜିତ ହେବ




ସୁନ୍ଦର ହସ୍ତାକ୍ଷର ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥାଏ। ପରୀକ୍ଷା ଖାତା ହେଉ କି ନୋଟ୍ ଖାତା ପରିଷ୍କାର ସହ ସୁନ୍ଦର ଅକ୍ଷର ପଢ଼ିବାକୁ ସମସ୍ତଙ୍କୁ ଭଲ ଲାଗେ। ଏଥିପାଇଁ ବିଦ୍ୟାର୍ଥୀକୁ ପିଲାଟିବେଳରୁ ହସ୍ତାକ୍ଷର ଅଭ୍ୟାସ କରାଯାଏ। ଅଭିଭାବକ ପିଲାଙ୍କୁ ପ୍ରଥମେ ହସ୍ତାକ୍ଷର ଆରମ୍ଭ କରିବା ପୂର୍ବରୁ ଲେଟର ଷ୍ଟକ୍ ଅର୍ଥାତ୍ ଗୋଟିଏ ଗୋଟିଏ ଅକ୍ଷରକୁ ଦେଖି ଲେଖିବାକୁ କୁହନ୍ତୁ। ପରେ ଶବ୍ଦକୁ ଦେଖି ଅଭ୍ୟାସ କରିବାକୁ କୁହନ୍ତୁ। ଅକ୍ଷର ଶିଖିଯିବା ପରେ ଛୋଟ ଛୋଟ ପାରାଗ୍ରାଫ୍ ଲେଖିବାକୁ କୁହନ୍ତୁ। ପ୍ରତିଦିନ ଗୋଟିଏ ସାଦା କାଗଜରେ ଅଧା ପୃଷ୍ଠା ଯାଏ ଓଡ଼ିଆ ହେଉ କି ଇଂରାଜୀ ପାରାଗ୍ରାଫ୍ ଲେଖିବାକୁ ପିଲାଙ୍କୁ ଅଭ୍ୟାସ କରାନ୍ତୁ। ଗୋଟିଏ ଅକ୍ଷର ଯେପରି ଅନ୍ୟ ଅକ୍ଷର ସହ ନ ଲାଗିବ ଏବଂ ସେଗୁଡ଼ିକ ଯେପରି ଗୁଞ୍ଜି ହୋଇ ନ ରହିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ଏଥିସହ ସବୁଠାରୁ ମୁଖ୍ୟ କଥା ହେଲା ସ୍ପିଡ୍ ରାଇଟିଂ। କୌଣସି ପରୀକ୍ଷାରେ ନିର୍ଦ୍ଦିଷ୍ଟ ସମୟ ଭିତରେ ଉତ୍ତର ଲେଖିବାକୁ ହୋଇଥାଏ। ଏହି ସମୟରେ ପିଲାମାନେ ଶୀଘ୍ର ପ୍ରଶ୍ନପତ୍ର ସାରିବା ପାଇଁ ନିଜ ହସ୍ତାକ୍ଷରରେ ଧ୍ୟାନ ଦେଇ ନ ଥାନ୍ତି। ପରୀକ୍ଷକ ଉତ୍ତର ପଢ଼ି ନ ପାରି ମାର୍କ କାଟି ଦିଅନ୍ତି। ଦୀର୍ଘ ପ୍ରଶ୍ନର ଉତ୍ତର ଦେବାକୁ ହେଲେ ଶୀଘ୍ର ଲେଖିବା ନିହାତି ଜରୁରୀ। ତେଣୁ ପିଲାଙ୍କୁ ସମୟ ଭିତରେ ଶୀଘ୍ର ଲେଖିବାକୁ ଅଭ୍ୟାସ କରାନ୍ତୁ। ପିଲା ଉତ୍ତର ଲେଖୁଥିବା ବେଳେ ଅଭିଭାବକ ସମୟ ଦେଖନ୍ତୁ ଏବଂ କେତେ ସମୟ ଭିତରେ ପିଲା ଉତ୍ତର ସାରୁଛି ସେ ବିଷୟରେ ତାଙ୍କୁ ଅବଗତ କରାନ୍ତୁ। ତେବେ ସେହି ସମୟରେ ହସ୍ତାକ୍ଷର ସୁନ୍ଦର କରିବା ସହ ଶୀଘ୍ର ଲେଖିବାକୁ ପିଲାଙ୍କୁ ଉତ୍ସାହିତ କରନ୍ତୁ। ପିଲାମାନେ ପ୍ରତିଦିନ ଯଦି ଏହିପରି ହସ୍ତାକ୍ଷର ଅଭ୍ୟାସ କରିବେ ସେମାନଙ୍କର ଲିଖନ ଶୈଳୀ ମାର୍ଜିତ ହୋଇପାରିବ।


**-ରାମସାଇ ହାଁସଦା, ଶିକ୍ଷକ, ଶ୍ରୀଧର ଏକାଦଶୀ ନୋଡାଲ୍ ହାଇସ୍କୁଲ୍, ଭଦ୍ରକ**

# ତୁମ ତୂଳୀରୁ


୧


୨


୩




୪


୮


୫


୬


୭


୯

**୧**



**ପ୍ରତୀକ ମିଶ୍ର**
କ୍ଲାସ୍-୫, ସତ୍ୟଭାମା ଇଂଲିଶ୍ ମିଡିୟମ ସ୍କୁଲ୍, ପୁରୀ

**୨**

**ଶ୍ରୀଜିତା ମିଶ୍ର**
କ୍ଲାସ-୮, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର



**୩**



**ଲକ୍ଷ୍ମୀପ୍ରିୟା ମଲ୍ଲିକ**
କ୍ଲାସ-୮, ରଘୁନାଥ ଉଚ୍ଚ ବିଦ୍ୟାଳୟ, ଦାମୋଦରପୁର, ଦଶରଥପୁର, ଯାଜପୁର

**୪**

**ସାଇ ଅରୋସ୍ମିତ୍ ବିଶ୍ୱାଳ**
କ୍ଲାସ-୫, ଆର୍ଯ୍ୟବର୍ତ୍ତ ଆନ୍ସିଏଣ୍ଟ ଏକାଡେମି, ଖୋର୍ଦ୍ଧା



**୫**



**ଜିଜ୍ଞାସା ପ୍ରଧାନ**
କ୍ଲାସ-୩, ଡିଏଭି ପବ୍ଲିକ ସ୍କୁଲ, ପ୍ରଗତି ମାର୍ଗ, ସରବାହାଲ, ଝାରସୁଗୁଡା

**୬**

**କିରଣବାଳା ନାଥ**
କ୍ଲାସ- ୩, ଖୁଣ୍ଟା ଉନ୍ନୀତ ମଧ ଇଂରାଜୀ ବିଦ୍ୟାଳୟ, ସୋର, ବାଲେଶ୍ୱର



**୭**



**ସ୍ୱାଧୀନ ମୁଦୁଲି**
କ୍ଲାସ- ୭, ସରକାରୀ ୟୁ. ପି ସ୍କୁଲ, ପାଣିକୋଇଲି, ବାଙ୍କି, କଟକ

**୮**

**ପୀୟୂଷ କୁମାର ହୋତା**
କ୍ଲାସ- ୮, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସାକ୍ଷୀଗୋପାଳ, ପୁରୀ



**୯**



**ବିଶ୍ୱଜିତ୍ ଲେଙ୍କା**
କ୍ଲାସ- ୩, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଜୟଦେବବିହାର, ଭୁବନେଶ୍ୱର

• ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ •

# କାଷ୍ଟର ବୋର୍ଡ ସ୍କେଟିଂ କରି ରେକର୍ଡ



ପିଲାମାନେ, ତୁମେ ସ୍କେଟିଂ ବୋର୍ଡରେ ବିଶ୍ୱ ଭ୍ରମଣ କରିପାରିବ କି? ଆଶ୍ଚର୍ଯ୍ୟ ଲାଗୁଛିନା! ହେଲେ ଏପରି କରିବାକୁ ଲକ୍ଷ୍ୟ ରଖିଛନ୍ତି ୧୧ ବର୍ଷୀୟ ହାର୍ଦ୍ଦିକ। ମଧ୍ୟପ୍ରଦେଶର ଏକ ଛୋଟ ଗାଁ କୋଠିଚାର କାଲାରେ ରୁହନ୍ତି ହାର୍ଦ୍ଦିକ ରଘୁବଂଶୀ। ସେ କାଷ୍ଟର୍ ବୋର୍ଡକୁ ୨୨ ରାଉଣ୍ଡ ଘୂରାଇ ଗିନିଜ୍ ରେକର୍ଡ ସୃଷ୍ଟି କରିଛନ୍ତି। ସେ କୁହନ୍ତି, ଏକ ଗେମ୍ କମ୍ପ୍ଲେକ୍ସରେ ଗୋଟିଏ ପିଲାକୁ କାଷ୍ଟର୍ ବୋର୍ଡରେ ସ୍କେଟିଂ କରୁଥିବାର ଦେଖିଥିଲେ। ତେବେ ଏହି ବିଷୟରେ ଘରକୁ ଆସି ବାପା ମାଆଙ୍କୁ ଜଣାଇଥିଲେ। ହାର୍ଦ୍ଦିକ ଏଥିପାଇଁ ଟ୍ରେନିଂ ନେବାକୁ ଚାହୁଁଥିଲେ, ହେଲେ ଅର୍ଥାଭାବ ଯୋଗୁ ତାଙ୍କୁ ଟ୍ରେନିଂ ଲାଗି ଆଡମିଶନ୍ କରିପାରିନଥିଲେ। କିନ୍ତୁ ହାର୍ଦ୍ଦିକଙ୍କ ଇଚ୍ଛାକୁ ଦେଖି ତାଙ୍କ ବାପା କାଷ୍ଟର୍ ବୋର୍ଡ କିଣି ଆଣି ଦେଇଥିଲେ। କାଷ୍ଟର୍ ବୋର୍ଡ ପାଇ ହାର୍ଦ୍ଦିକ ୟୁଟ୍ୟୁବ୍ ଦେଖି ତିନିବର୍ଷ ଧରି କଲୋନୀରେ ଅଭ୍ୟାସ କରିବାକୁ ଲାଗିଲେ। ଏହାପରେ ସେ ସ୍କେଟିଂ ମାଧ୍ୟମରେ ଷ୍ଟଣ୍ଟ କରିବା ଶିଖିଲେ। କାଷ୍ଟର ବୋର୍ଡରେ ସାରା ବିଶ୍ୱ ଭ୍ରମଣ କରି ଗିନିଜ୍ ରେକର୍ଡ କରିବାକୁ ହାର୍ଦ୍ଦିକ ଭବିଷ୍ୟତରେ ଲକ୍ଷ୍ୟ ରଖିଛନ୍ତି। ହେଲେ ଗିନିଜ୍ ରେକର୍ଡର ନିୟମ ଅନୁଯାୟୀ, ଏହି ରେକର୍ଡ କରିବାକୁ ହେଲେ ୧୬ ବର୍ଷରୁ ଅଧିକ ହେବା ଆବଶ୍ୟକ। ତେବେ ଏ ନେଇ ଆହୁରି ୫ବର୍ଷ ଅଭ୍ୟାସ ଜାରି ରଖିବେ ବୋଲି ହାର୍ଦ୍ଦିକ କହିଛନ୍ତି।



# କ ବି ତା

## ଆସ ମଜା ନେବା

ସୋରିଷ ଫୁଲିଆ କଅଁଳିଆ ଖରା
ମନ ନେଉଅଛି ମୋହି,
ଶୀତ ସକାଳରେ କୁନା ପଢୁଅଛି
ହାତରେ ଧରିକି ବହି।
ଅଜା ପାଖେ ବସି ମୁନି ଖେଳୁଅଛି
ଟିକି କଣ୍ଢେଇକୁ ଧରି,
ଖୁସିରେ ଡେଉଁଛି ଟିକି ବାଛୁରୀଟି
ହମ୍ବା ହମ୍ବା ରଡ଼ି କରି।
ବାଡ଼ି ପଛପଟେ ବିଲରେ କାଟୁଛି
ସନେଇ କକେଇ ଧାନ
ଶୀତୁଆ ସକାଳ ଭାରି ମଜା ଲାଗେ
ଠିକ୍ ଥିଲେ ଦେହ ମନ।
ପନିପରିବାରେ ହସୁଛି ବଗିଚା
ପଡ଼ିଛି କାକର ବିନ୍ଦୁ,
ଅଗଣାରେ ବାସେ ମହ ମହ ହୋଇ
ହଳଦିଆ ଫୁଲ ଗେଣ୍ଡୁ।
ଆସ ମଜା ନେବା ସକାଳୁ ସକାଳୁ
ହାତରେ ଧରି ଚା' କପ୍,
ପାଟିକୁ ସୁଆଦ ଗରମ ଗରମ
ବରା ସାଥେ ଆଳୁଚପ୍।

–ପ୍ରତିଭା ସାହୁ
ବଇଣ୍ଡା, ଅନୁଗୋଳ
ମୋ: ୭୦୦୮୨୩୬୯୯୧

## ଗହିରରେ ଧାନ ପାଚିଲାଣି

ହେମନ୍ତର ଅନ୍ତେ ଆସିଅଛି ଶୀତ
ଗହିରରେ ଧାନ ପାଚିଲାଣି,
ଧାନ କିଆରିଟି ସୁନେଲି ରଙ୍ଗରେ
ସଭିଙ୍କ ମନକୁ କିଣିଲାଣି।
ବାଡ଼ି ବଗିଚାରେ ଗେଣ୍ଡୁ ଓ ସେବତୀ
ଭିନ୍ନ ଭିନ୍ନ ରଙ୍ଗେ ଫୁଟିଲାଣି,
ପନି ପରିବାର ସମ୍ଭାରକୁ ଦେଖି
ଚାଷୀ ଭାଇ ଆମ ହସିଲାଣି।
ଶୀତ ସକାଳର କାକରବିନ୍ଦୁଟି
ଘାସ ପତରରେ ହସିଲାଣି,
ସହର ବଜାରେ ଶୀତ ବସନର
ବ୍ୟବସାୟ ଧୀରେ ଜମିଲାଣି।
ଶୀତର ପରଶେ ସଭିଏଁ ହରଷେ
ବଣଭୋଜି ମଜା ଲୁଟିଲେଣି,
ବଡ଼ଦିନ ଛୁଟି ମନାଇବା ପାଇଁ
ଜାଗାର ଚିହ୍ନଟ ସରିଲାଣି।

–ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା,ଜଗତ୍‌ସିଂହପୁର
ମୋ: ୯୭୭୭୫୨୯୨୭୬



## ଅଜା ଘରେ ଶୀତ

କୁହୁଡ଼ି କାକର ପଡ଼ିଲାଣି
ପାଚିଲା ପତର ଝଡ଼ିଲାଣି
ପାକୁଆ ପାଟିରେ ଅଜା ମୋ' କହିଲେ
ନାତିଆରେ ଶୀତ ଆସିଲାଣି।
ଆଈ ଥୁରୁଥୁରୁ ଥରିଲାଣି
କୁଟା ଜାଳି ନିଆଁ ପୁଇଁଲାଣି
କଅଁଳ ଖରାରେ ନାଲି ଚା' ଟୋପେ
ସକାଳରୁ ଖୋଜା ପଡ଼ିଲାଣି।
ମାମୁ ଯେ ପେଟେରା ଖୋଲିଲେଣି
ସୁଇଟର ଟୋପି କାଢ଼ିଲେଣି
ରେଜେଇ କମ୍ବଳ ଶାଲ ମଫଲର
ଆଖିକୁ ତରାଟି ଚାହିଁଲେଣି।
ମାଈଁ ହାଣ୍ଡିଶାଳେ ବସିଲେଣି
ଫୁଲ କୋବି ଆଣି କଷିଲେଣି
ଗାଜର ମଟର ବିନ୍ ଟମାଟୋ
କେଡ଼େ ଛନଛନ ଦିଶିଲେଣି।
ମାଉସୀ ମୋ' ବଡ଼ି ପାରିଲାଣି
ବଗିଚାରେ ଚାରା ରୋଇଲାଣି
ଡାଲିଆ ଜିନିଆ ଗେଣ୍ଡୁ ଓ ସେବତୀ
ହସାହସି ହୋଇ ଗଡ଼ିଲେଣି।
ଅଜା ଘରେ ଶୀତ ବଡ଼ ମଜା
ଗରମ ମୁଢ଼ିକୁ ବାରମଜା
ବୁଢ଼ୀ ଅସୁରୁଣୀ ଗପ ସାଥେ ପୁଣି
ଏଣ୍ଡୁରିପିଠା ଓ ମୁଆଁ ଖଜା।

–ଛନ୍ଦା ମିଶ୍ର
କଳିଙ୍ଗ ନଗର, ଭୁବନେଶ୍ୱର
ମୋ: ୯୪୩୭୪ ୫୩୬୧୦

## ଏଥରର

- ଭାରତର ପ୍ରଥମ ସାଟେଲାଇଟ୍‌ର ନାମ ?
- ଭାରତର ପ୍ରଥମ ହିନ୍ଦୀ ଚଳଚ୍ଚିତ୍ର କେଉଁଟି ?
- ରାଜା ହରିଶ୍ଚନ୍ଦ୍ର ଚଳଚ୍ଚିତ୍ରର ନିର୍ଦ୍ଦେଶକଙ୍କ ନାମ ?
- ଭାରତରେ କେଉଁ ରାଜ୍ୟ ପ୍ରଥମେ ଆଞ୍ଚଳିକ ଭାଷାନୁସାରେ ବିଭକ୍ତ ହୋଇଛି ?
- ସବୁଠାରୁ ବଡ଼ ସ୍ଥଳଚର ପ୍ରାଣୀ କିଏ ?

## ଗତଥରର ଉତ୍ତର

- ୨୨ଟି
- ରବୀନ୍ଦ୍ରନାଥ ଟାଗୋର
- ରାଜସ୍ଥାନ
- ମିଲଖା ସିଂ
- ୨୦୧୨

## କହିଲ ଦେଖି



ତିନୋଟି ଅକ୍ଷର ନାମରେ ମୋର
ଶୀତୁଆ ସକାଳେ ଧଳା ଶରୀର।
ପ୍ରଥମ ଦ୍ୱିତୀୟ ଅକ୍ଷର ଦୁଇ
କାଚ ଧାରକକୁ ବୁଝାଇ ଥାଇ।
ଦ୍ୱିତୀୟ ତୃତୀୟ ପଢ଼ିବ ଯେବେ
ମୁଣ୍ଡ ପ୍ରତିଶବ୍ଦ ମିଳିବ ତେବେ।
ତୃତୀୟ ଦ୍ୱିତୀୟ ଅକ୍ଷର ଦ୍ୱୟ
ଦଉଡି ଶବ୍ଦଟି ମିଳେ ନିଶ୍ଚୟ।
ମୋର ନାମଟିକୁ ଯିଏ କହିବ
ସକାଳ ବୁଲାରେ ମଜା ପାଇବ।

ଉତ୍ତର– **ଶିଶିର**



ଏକ ପରେ ଏକ ଛଅ ଭଉଣୀ
ଆସନ୍ତି ମରତେ ପାଦକୁ ଗଣି।
ଦୁଇ ଦୁଇ ମାସ ହୁଅନ୍ତି ରାଣୀ
ରପ ଗୁଣ ତାଙ୍କ ନ ହୁଏ ଭଣି।
ଗୋଟିଏ ଭଉଣୀ ଭାରି ଚଗଲି
ହାତ ଗୋଡ଼ ଓଠ ଯାଏ ଦୋହଲି।
ଘୋଡି ହୁଅ ଅବା ଜଳାଅ ନିଆଁ
ପ୍ରକୋପରେ ତାର କରେ ଛାନିଆ।
ପଞ୍ଚମ କନିଷ୍ଠା ଅଟଇ ସିଏ
ଶସ୍ୟ ଅମଳରେ ସହାୟ ହୁଏ।
ତାର ନାମଟିକୁ କହିବ ଯିଏ
ଦାରିଙ୍ଗିବାଡିରେ ବୁଲିବ ସିଏ।

ଉତ୍ତର– **ଶୀତଋତୁ**



ବାପାଙ୍କର ଭ୍ରାତା ନୁହଁନ୍ତି ସିଏ
ଚାଚା ଚାଚା ନାମ ଜଗତ କହେ।
ଗୋଲାପ ଫୁଲଟି ପ୍ରିୟ ତାଙ୍କରି
ଛାତି ପକେଟରେ ଭାରି ଖାତିରି।
କମଳା ମୋତିଙ୍କ ଅଟନ୍ତି ଜ୍ୟୋତି
ସ୍ୱାଧୀନ ଭାରତ ପ୍ରଧାନମନ୍ତ୍ରୀ।
ତାଙ୍କରି ନାମକୁ କହିବ ଯିଏ
ଚକୋଲେଟ ଗୋଟି ଖାଇବ ସିଏ।

ଉତ୍ତର– **ଜବାହରଲାଲ ନେହେରୁ**

–ଟଙ୍କଧର ଶତପଥୀ
ସୁନ୍ଦରପାଳ, ଅନୁଗୋଳ, ମୋ: ୯୯୩୮୨୬୪୪୭୬

# ଜଣା ଅଜଣା



## ଗ୍ରହଙ୍କ ରାଜା

ସୌରଜଗତରେ ଆଠଟି ଗ୍ରହ ଅଛନ୍ତି। ସେମାନଙ୍କ ମଧ୍ୟରୁ ବୃହତ୍ତମ ଗ୍ରହ ହେଉଛି ବୃହସ୍ପତି। ଏହାକୁ 'ଗ୍ରହମାନଙ୍କର ରାଜା' ମଧ୍ୟ କୁହାଯାଇଥାଏ। ଓଜନ ଦୃଷ୍ଟିରୁ ବୃହସ୍ପତିକୁ ଏଭଳି ଆଖ୍ୟାୟିତ କରାଯାଏ। ଏହି ଗ୍ରହର ଓଜନ ଅନ୍ୟ ସବୁ ଗ୍ରହମାନଙ୍କର ଓଜନ ଠାରୁ ଅଢେଇ ଗୁଣା ଅଧିକ।



## ଜିଭ

ଆମ ଶରୀରରେ ଥିବା ଆଖି, କାନ, ଜିଭ, ଚର୍ମ ଓ ନାକକୁ 'ପଞ୍ଚେନ୍ଦ୍ରିୟ' କୁହାଯାଏ। ମନୁଷ୍ୟ ଜିଭରେ ପ୍ରାୟ ୩,୦୦୦-୧୦,୦୦୦ ସ୍ୱାଦଗ୍ରନ୍ଥି ରହିଛି। ଯାହାଦ୍ୱାରା ଆମେ ସ୍ୱାଦ ବାରିପାରୁ। ଜିଭରେ ପ୍ରାୟ ୫୦ ପ୍ରତିଶତ ବ୍ୟାକ୍ଟେରିଆ ରୁହନ୍ତି। ସେଥିପାଇଁ ପ୍ରତିଦିନ ଏହାକୁ ସଫା କରିବା ନିହାତି ଜରୁରୀ। ଖାଦ୍ୟ ଖାଇବା ଏବଂ ଗିଳିବାରେ ଏହା ପ୍ରମୁଖ ଭୂମିକା ନେଇଥାଏ। ଦାନ୍ତକୁ ପ୍ରାକୃତିକ ଉପାୟରେ ସଫା କରିବାରେ ଜିଭ ସାହାଯ୍ୟ କରିଥାଏ।



## ଗଛ ଛୁଇଁଲେ ଆତ୍ମହତ୍ୟା

ଏମିତି ଏକ ବିଷାକ୍ତ ଗଛ ଅଛି, ଯାହାକୁ ଛୁଇଁଲେ ବର୍ଷ ବର୍ଷ ଯାଏ ଏଭଳି ଯନ୍ତ୍ରଣା ହୁଏ ଯେ ଅନେକ ସମୟରେ ବ୍ୟକ୍ତି ଆତ୍ମହତ୍ୟା କରିବାକୁ ବାଧ୍ୟ ହୁଅନ୍ତି। ବିଶ୍ୱର ସବୁଠୁ ବିଷାକ୍ତ ଗଛ ମଧ୍ୟରୁ ଅନ୍ୟତମ ଏହି ଗଛର ନାଁ ଜିମ୍ପାଇ ଜିମ୍ପାଇ। ଗଛଟି ଦେଖିବାକୁ କୌଣସି ଏକ ସାଧାରଣ ଗଛ ଭଳି, କିନ୍ତୁ ଏହି ଗଛର ପତ୍ର କିମ୍ବା କୌଣସି ଅଂଶ ଶରୀରରେ ଲାଗିବାମାତ୍ରେ ଏସିଡ୍ ପଡି ପୋଡ଼ିବା ଭଳି ଭୟଙ୍କର ଯନ୍ତ୍ରଣା ଆରମ୍ଭ ହୋଇଥାଏ। ଆଶ୍ଚର୍ଯ୍ୟର କଥା ହେଉଛି, ଏହି ଗଛକୁ ଛୁଇଁଲେ କରେଣ୍ଟ ମାରିବା ଭଳି ଲାଗିଥାଏ। ଆଉ ଏହି ଯନ୍ତ୍ରଣା ବର୍ଷ ବର୍ଷ ଧରି ଲାଗି ରହେ। ମନୁଷ୍ୟ ଭଳି ଏହି ଗଛ ସଂସ୍ପର୍ଶରେ ଆସିଲେ ପ୍ରାଣୀମାନେ ବି କଷ୍ଟ ପାଇଥା'ନ୍ତି। ଏହି ବିଷାକ୍ତ ଗଛଟି ପ୍ରଥମେ ଅଷ୍ଟ୍ରେଲିଆ ଏବଂ ଇଣ୍ଡୋନେସିଆରେ ଦେଖିବାକୁ ମିଳିଥିଲା।



## ମଙ୍ଗଳ ଗ୍ରହରେ ଓଜନ କମ୍

ପୃଥିବୀ ପୃଷ୍ଠରେ ୯୦ କିଲୋଗ୍ରାମ୍ ଓଜନ ଥିବା ବ୍ୟକ୍ତି ମଙ୍ଗଳ ଗ୍ରହରେ ମାତ୍ର ୩୪ କିଲୋଗ୍ରାମ ହୋଇଥା'ନ୍ତି। ଏହାର କାରଣ ହେଉଛି ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ତୁଳନାରେ ମଙ୍ଗଳ ଗ୍ରହରେ ଏହା ବହୁତ କମ୍।

## ହିମାଳୟର ଆୟତନ

ହିମାଳୟ ପର୍ବତମାଳାର ଆୟତନ ଦିନକୁ ଦିନ ବଢୁଛି। ଏହା ପଛରେ ମଧ୍ୟ ବିଜ୍ଞାନସମ୍ମତ କାରଣ ରହିଛି। ବୈଜ୍ଞାନିକଙ୍କ ମତରେ ହିମାଳୟ ଭାରତ ଆଡକୁ ପ୍ରତିବର୍ଷ ୬୭ ଏମ୍ଏମ୍ ବିସ୍ତୃତ ହେଉଥିବାବେଳେ ଏହାର ଇଣ୍ଡୋ-ଏସିଆ ପ୍ଲେଟ୍ ପ୍ରାୟ ୨୦ଏମ୍ଏମ୍ ବିସ୍ତୃତ ହେଉଛି।



# ଆ ଇ ନା



ତୃପ୍ତିମୟୀ ପଣ୍ଡା
୧୧ ବର୍ଷ / କେନ୍ଦୁଝର

ଆରାଧ୍ୟା ବିଶ୍ୱାଳ
୬ ବର୍ଷ / ବାରିପଦା

